Chapter- 1

# ବର୍ଷା

**STUDY NOTES**

## MIND MAP



ଗ୍ରୀଷ୍ମକାଳ ପରେ ବର୍ଷାଋତୁ ଆସେ । ଏହି ଋତୁ ସକଳ ଋତୁଙ୍କ ମଧ୍ୟରେ ଶ୍ରେଷ୍ଠ । କାରଣ ଏହି ସମୟରେ ପୃଥିବୀ ଶସ୍ୟ-ସମ୍ପଦରେ ପରିପୂର୍ଣ୍ଣ ଥାଏ । ଆକାଶ ମଣ୍ଡଳରେ ବିଜୁଳି ଓ ଘଡ଼ଘଡ଼ି ଶବ୍ଦ କରି ମେଘଗୁଡିକ ଏକତ୍ର ହୁଅନ୍ତି । ପୃଥିବୀର ଦୁଃଖ ଦେଖି ସନ୍ତୋଷ ଚିତ୍ତରେ ଜଳଦାନ କରନ୍ତି । ଭୀଷଣ ଶବ୍ଦମାନ କରି ମେଘମାନେ ଗର୍ଜନ୍ତି ଓ ଜଳବର୍ଷା କରନ୍ତି । ପ୍ରାଣୀର ଜୀବନ ହେଉଛି ଜଳ-ଜଳ ବିନା କେହି ବଞ୍ଚିପାରିବେ ନାହିଁ; ତେଣୁ ବର୍ଷା କରୁଣ ହୃଦୟରେ ଜଳଦାନ କରିଥାଏ । ପୃଥିବୀପୃଷ୍ଠ ଆଠ ମାସ ଧରି ସୂର୍ଯ୍ୟକିରଣରେ ଉତ୍ତପ୍ତ ଥାଏ । ଜଳ ଲାଭ କରି ସମସ୍ତେ ସନ୍ତୋଷ ହୁଅନ୍ତି । ତପସ୍ୱୀ ଯେପରି ତପସ୍ୟା କରି ଫଳଲାଭ କରେ, ସେହିପରି ଧରଣୀବାସୀ ଆଠମାସ ସୂର୍ଯ୍ୟକରିଣରେ କଷ୍ଟ ପାଇଲା ପରେ ଜଳ ପାଇ ଖୁସି ହୁଅନ୍ତି । ବର୍ଷାଋତୁରେ ରାତିଆସିବା ମାତ୍ରେ ଜୁଳୁଜୁଳିଆ ପୋକମାନେ ପୃଥିବୀକୁ ବେଢ଼ିଯାନ୍ତି । ମେଘର ଶବ୍ଦ ଶୁଣି ବେଙ୍ଗମାନେ ପାଣିକୁ ଘେରି ଗର୍ଜନ କରନ୍ତି । ବର୍ଷାଜଳରେ ନଦୀମାନେ ପୂର୍ଣ୍ଣ ହୁଅନ୍ତି । ବିଭିନ୍ନ ରକମର ଫସଲରେ ପୃଥିବୀର ଚତୁର୍ଦ୍ଦିଗ ପୁରିଉଠେ । ଛତାଭଳି ଛତୁସବୁ ଫୁଟେ ଓ ପୃଥିବୀ ରାଜା ଭଳି ଦିଶେ । ମେଘକୁ ଦେଖି ମୟୂରମାନେ ନାଚ କରନ୍ତି । ଭକ୍ତଜନମାନେ ଅତିଥି ଦେଖି ଖୁସି ହେଲାପରି ଏମାନେ ଆନନ୍ଦିତ ହୁଅନ୍ତି ।

ବର୍ଷା ଜଳ ଦାନ କରେ । ଜଳ ହିଁ ଜୀବନ । ଜଳବିନା ପ୍ରାଣୀ ବା ଉଦ୍ଭିଦ କେହି ଜୀବନଧାରଣ କରିପାରିବେ ନାହିଁ । ନିଦାଘର ପ୍ରଚଣ୍ଡ ତେଜରେ ପୃଥିବୀ ଶୁଷ୍କ, ରୁକ୍ଷ, ନୀରସ ଓ ଶ୍ରୀହୀନ ହୋଇଯାଏ । ବର୍ଷାର ଆଗମନକୁ ସମସ୍ତ ପ୍ରାଣୀଜଗତ ସତୃଷ୍ଣ ନୟନରେ ଚାହିଁ ରହିଥାନ୍ତି । ବର୍ଷାଋତୁ ଅମୃତ ତୁଲ୍ୟ ଜଳଧାରା ଅଜାଡି ଦେଇ ପୃଥିବୀରେ ପାଦ ଥାପେ । ଶୁଷ୍କନଦୀ, ନାଳ, ପୁଷ୍କରିଣୀ ଇତ୍ୟାଦି ଜଳାଶୟ ପୂର୍ଣ୍ଣଗର୍ଭା ହୋଇଯାନ୍ତି । ବୃକ୍ଷଲତା ସବୁଜପତ୍ର ଧାରଣ କରି ପୃଥିବୀର ଶୋଭାକୁ ବହୁଗୁଣିତ କରନ୍ତି । କୃଷିକ୍ଷେତ୍ର ଶସ୍ୟ ସମ୍ଭାରରେ ହସି ଉଠେ । ବର୍ଷାଋତୁ ଜଳଦାନ କରି ଜୀବଜଗତର ଜୀବନରକ୍ଷା କରିବା ସହ ଶସ୍ୟ ଉପୁଜାଇବାରେ ସହାୟକ ହୋଇଥାଏ । ତେଣୁ ବର୍ଷାଋତୁକୁ ସକଳ ଋତୁଙ୍କର ସାର ବୋଲି କୁହାଯାଏ ।

◆◆◆